RNI No.ODIODI/2010/33031
୧୭ ବର୍ଷ Volume-17
ISSUE -61 ସଂଖ୍ୟା-୬୧
ଭୁବନେଶ୍ୱର, ଗୁରୁବାର ୧୪ ମଇ ୨୦୨୬
Bhubaneswar, Thursday 14 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

# MANTHAN ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ବିଭିନ୍ନ ରାଜ୍ୟକୁ ଲମ୍ବିଛି ନିଟ୍ ପ୍ରଶ୍ନପତ୍ର ଲିକ୍ ଚେର

ନୂଆଦିଲ୍ଲୀ, ୧୩।୫: ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ ଘଟଣାରେ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ। ପ୍ରଶ୍ନପତ୍ର ଲିଙ୍କର ଚେର ବିଭିନ୍ନ ରାଜ୍ୟକୁ ବ୍ୟାପିଥିବା ବେଳେ ରାଜସ୍ଥାନ ଏସଓଜି ଓ ସିବିଆଇ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଲାଗିଛନ୍ତି।

ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ରାଜସ୍ଥାନର ଜାମୱା ରାମଗଡର ଦୁଇ ଭାଇ ମଙ୍ଗିଲାଲ ଓ ଦୀନେଶ ବିୱାଲ। ସେମାନେ ଚଳିତ ବର୍ଷର ନିଟ ୟୁଜି ପ୍ରଶ୍ନପତ୍ର ଗୁରୁଗ୍ରାମର ଜଣେ ଡାକ୍ତରଙ୍କ ଠାରୁ ୩୦ ଲକ୍ଷ ଟଙ୍କାରେ କିଣିଥିଲେ। ମେ' ୩ରେ ପରୀକ୍ଷା ହେବାକୁ ଥିବା ବେଳେ ଏପ୍ରିଲ ୨୬ରେ ସେମାନଙ୍କୁ ମିଳିଥିଲା ପ୍ରଶ୍ନପତ୍ର।

ଦୁଇ ଭାଇଙ୍କ ମଧ୍ୟରୁ ଜଣେ ଲିକ ପ୍ରଶ୍ନପତ୍ରକୁ ସିକାରରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ନିଜ ପୁଅଙ୍କୁ ଦେଇଥିଲେ। ଏହାପରେ ଏପ୍ରିଲ ୨୯ରେ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ଜାମୱା ରାମଗଡ ଠାରୁ ସିକାର ଦୂରତା ପ୍ରାୟ ଅଇ ଘଣ୍ଟା। ଚଳିତ ବର୍ଷ ପ୍ରଶ୍ନପତ୍ର ଲିକର ପେଣ୍ଠସ୍ଥଳ ହେଉଛି ସିକାର।

ପ୍ରଶ୍ନପତ୍ର ଲିଙ୍କର ମୂଳରେ ଗୁରୁଗ୍ରାମର ଜଣେ ଡାକ୍ତର ରହିଛନ୍ତି। ଏହାପୂର୍ବରୁ ରାଜସ୍ଥାନ ପୁଲିସ କହିଥିଲା ଯେ ନାଶିକ ଥିବା ପ୍ରିଣ୍ଟିଂ ପ୍ରେସରୁ ହିଁ ପ୍ରଥମେ ପ୍ରଶ୍ନପତ୍ର ଲିକ ହୋଇଛି। ସେଠାରୁ ଗୋଟିଏ ଚେନ ନେଟୱର୍କ ଜରିଆରେ ଏହା ଗୁରୁଗ୍ରାମ ଡାକ୍ତରଙ୍କ ପାଖରେ ପହଞ୍ଚିଥିଲା। ସେହି ଡାକ୍ତରଙ୍କ ଠାରୁ ଦୁଇ ଭାଇ ପ୍ରଶ୍ନପତ୍ର କିଣିବା ପରେ ନିଜର ପରିବାର ଲୋକ ଓ ଅନ୍ୟ ନିଟ ଆଶାୟୀଙ୍କୁ ଦେଇଥିଲେ।

ପୁଲିସ୍ ଏହା ଜାଣିବା ପରେ ଦୀନେଶ ଓ ମଙ୍ଗିଲାଲଙ୍କୁ ଗିରଫ କରିଛି। ଅଧିକ ଯାଞ୍ଚରୁ ଜଣାପଡିଛି ଯେ ଦିନେଶଙ୍କ ଲିକ ରାଜସ୍ଥାନର କ୍ଷମତାସୀନ ବିଜେପି ସହ

ରହିଛି। ସେ ନିଜକୁ ବିଜେପି ନେତା କହି ବିଭିନ୍ନ ସ୍ଥାନରେ ମାରିଥିବା ପୋଷ୍ଟର ସାମ୍ନାକୁ ଆସିଛି। ସେହିପରି ବିଜେପିର ବିଭିନ୍ନ ନେତା ଓ ମନ୍ତ୍ରୀଙ୍କ ସହ ଉଠାଇଥିବା ଫଟୋ ମଧ୍ୟ ବେଶ ଭାଇରାଲ ହେବାରେ ଲାଗିଛି।

ରାଜସ୍ଥାନରେ ଦୀନେଶ ଜଣେ ବିଜେପି ନେତା ଭାବେ ପରିଚିତ ବୋଲି ବିରୋଧୀ ଦଳଗୁଡିକ ବି କହିଛନ୍ତି। ସେମାନେ ପ୍ରଶ୍ନପତ୍ର ସହ ବିଜେପି ଲିଙ୍କ ଥିବା କହିବାରେ ଲାଗିଛନ୍ତି। କିନ୍ତୁ ଦୀନେଶ ବାସ୍ତବରେ ବିଜେପି ନେତା କି ନୁହେଁ, ସେକଥା ଦଳ ପକ୍ଷରୁ କୁହାଯାଇ ନାହିଁ।

ସୂତ୍ର ଅନୁସାରେ, ଦୀନେଶଙ୍କ ପରିବାରର ୪ ଜଣ ପିଲା ଗତବର୍ଷ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିଲେ। ଏବେ ବି ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କ ପୁଅ ନିଟ ପାଇଁ ପ୍ରସ୍ତୁତ ହେଉଛନ୍ତି।

ପ୍ରଶ୍ନପତ୍ର ଲିକର ଖେଳ ମହାରାଷ୍ଟ୍ରର ନାଶିକରୁ ଆରମ୍ଭ ହୋଇଥିଲା। ନାଶିକରେ ହିଁ ପ୍ରଶ୍ନପତ୍ରର ପ୍ରଥମ ଡିଜିଟାଲ କପି ସାମ୍ନାକୁ ଆସିଥିଲା। ଏହି ଘଟଣାରେ ସିବିଆଇ ନାଶିକର ଶୁଭମ ଖୈରନାର ନାମକ ଜଣେ ଛାତ୍ରଙ୍କୁ ଗିରଫ କରିଛି। ସେ ଲିକ ପ୍ରଶ୍ନପତ୍ରକୁ ପୁଣେରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ଲକ୍ଷ ଟଙ୍କାରେ କିଣିଥିଲେ। ଏହାପରେ ପ୍ରଶ୍ନପତ୍ରକୁ ୫ ଲକ୍ଷ ଲାଭରେ ଅର୍ଥାତ ୧୫ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲେ। ମହାରାଷ୍ଟ୍ରରୁ ଆରମ୍ଭ ହୋଇଥିବା ପ୍ରଶ୍ନପତ୍ର ଲିକ ଶେଷରେ ହରିୟାଣାର ଗୁରୁଗ୍ରାମ,

## ୩୦ ଲକ୍ଷର ଡିଲ୍, ରାଜସ୍ଥାନରୁ ଦୁଇ ଭାଇ ଗିରଫ

### ନାଶିକ୍‌ରୁ ପ୍ରଶ୍ନପତ୍ର ଯାଇଥିଲା ଗୁରୁଗ୍ରାମ

ରାଜସ୍ଥାନର ଜୟପୁର, ସିକାର, ଜମ୍ମୁ-କଶ୍ମୀର, ବିହାର ଓ କେରଳ ଯାଏ ଲମ୍ବିଛି। ୩୦ ବର୍ଷୀୟ ଶୁଭମ ହେଉଛନ୍ତି ନାଶିକର ଇନ୍ଦିରାନଗର ଅଞ୍ଚଳର ମୂଳବାସିନ୍ଦା। ସେ ଆୟୁର୍ବେଦିକ ମେଡିସିନ ଓ ସର୍ଜରୀର ଛାତ୍ର। ସେ ଲିକ ହୋଇଥିବା ନିଟ ୟୁଜି ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ପୁଣେର ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ଲକ୍ଷ ଟଙ୍କାରେ କିଣିଥିଲେ। ଏହାପରେ ହରିୟାଣାର ଜଣେ ବ୍ୟକ୍ତିଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ପ୍ରଶ୍ନପତ୍ର ଗୋଟିଏ ନିର୍ଦ୍ଦିଷ୍ଟ ମେସିଜିଂ ଆପ ଜରିଆରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡରେ ଗାଡିସଂଖ୍ୟା ଅଧା ହେଲା

ଭୁବନେଶ୍ୱର, ୧୩।୫(ନି.ପ୍ର.): ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ

### ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଦେବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ମାଝୀ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସ୍ୱାଗତ କରି ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡି ଗୁଡିକୁ କମ୍ କରି ଅଧା କରିଦେଇଛନ୍ତି। ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କେବଳ ଆବଶ୍ୟକ ସ୍ଥଳରେ ଗାଡି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ସୁନା କିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଯୁଦ୍ଧ ଲମ୍ବା ଚାଲିଲେ ତେଲ ଦର ବଢ଼ିବ: ଆରବିଆଇ

ନୂଆଦିଲ୍ଲୀ, ୧୩।୫(ନି.ପ୍ର.): ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ସାରା ବିଶ୍ୱରେ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହୋଇଛି। କିନ୍ତୁ ଭାରତରେ ଆଜି ପର୍ଯ୍ୟନ୍ତ ତାହା ସ୍ଥିର ରହିଛି। ଦେଶରେ ଚାଲିଥିବା ବିଧାନସଭା ନିର୍ବାଚନ ଶେଷ ହୋଇଯାଇଥିବାରୁ ସରକାରଙ୍କ ଉପରେ ବିଶେଷ ଚାପ ନାହିଁ। ଏପଟେ ତେଲ କମ୍ପାନିଗୁଡିକ ବଜାର ଦରଠାରୁ କମ୍ ଦାମ୍‌ରେ ତେଲ ବିକ୍ରି କରୁଥିବାରୁ ଦିନକୁ ୧୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହୁଛନ୍ତି। ଏଭଳି ଏକ ସମୟରେ ତେଲ ଦର ନିଶ୍ଚିତ ବିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ସେହି ଚର୍ଚ୍ଚାରେ ଯୋଡି ହୋଇ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ନିଜର ମତ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଯୁଦ୍ଧ ଲମ୍ବା ସମୟ ଚାଲିବ ତେବେ ତେଲ ଦର ବାଇବାକୁ ପଡିବ। ଦରବୃଦ୍ଧି ପାଇଁ କେବଳ ସମୟକୁ ଅପେକ୍ଷା ବୋଲି ସେ କହିଛନ୍ତି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ତାହାର

ପ୍ରଭାବରେ କିଛି ମାସ ହେଲାଣି ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହିଛି। ତେଲ କମ୍ପାନିଗୁଡିକୁ ଅଧିକ ଦାମ୍ ଦେଇ ତେଲ କିଣିବାକୁ ପଡୁଛି। ସେମାନଙ୍କ ଉପରେ ପଡିଥିବା ଆର୍ଥିକ ବୋଝକୁ ହାଲୁକା କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ଫଳରେ ସେମାନଙ୍କ ଉପରୁ ୩୦ ହଜାର କୋଟି ଟଙ୍କାର ଆର୍ଥିକ ଚାପ କମ୍ ହୋଇଛି। ଏହାସତ୍ତ୍ୱେ ତେଲ କମ୍ପାନିଗୁଡିକ ପ୍ରତିଦିନ ବିପୁଳ କ୍ଷତି ସହୁଛନ୍ତି ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି।

ତେଲ କମ୍ପାନିଗୁଡିକ ପ୍ରତି ମାସରେ ବାଣିଜ୍ୟିକ ଏଲପିଜି, ଏଟିଏଫ୍ ଓ ଏଭଳିକି ୫ କେଜିଆ ଏଲପିଜି ସିଲିଣ୍ଡର ଦରରେ ବୃଦ୍ଧି କରୁଛନ୍ତି। କିନ୍ତୁ ସେମାନେ ସାଧାରଣ ପରିବାରଗୁଡିକ ବ୍ୟବହାର କରୁଥିବା ୧୪.୨ କେଜି ବିଶିଷ୍ଟ ଏଲପିଜି ଏବଂ ପେଟ୍ରୋଲ, ଡିଜେଲ ଦରରେ କେଣସି ବୃଦ୍ଧି କରିନାହାନ୍ତି। ନିକଟରେ ସେମାନେ ବାଣିଜ୍ୟିକ ଏଲ୍‌ପିଜି ଦାମ୍‌ରେ ୯୯୩ ଟଙ୍କା ବୃଦ୍ଧି କରିଥିଲେ। ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଧ୍ୟ କହିଥିଲା ଯେ ଯଦି ଅଶୋଧିତ ତେଲ ଦର ଅଧିକ ସମୟ ଉଚ୍ଚା ରହିବ ତେବେ ଭାରତକୁ ଏହାର ପେଟ୍ରୋଲ ଓ ଡିଜେଲ ଦାମ୍ ବାଇବାକୁ ପଡିବ। କାରଣ ଦୀର୍ଘଦିନ ପର୍ଯ୍ୟନ୍ତ ଦାମ୍ କମ୍ ରଖିବା ପାଇଁ ସରକାରଙ୍କ ପାଖରେ ବିଶେଷ ଆର୍ଥିକ ବଳ ନାହିଁ। କିନ୍ତୁ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଦେଶବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଅଚାନକ ତେଲ ଦର ବିବ ନାହିଁ। ଗତ ଚାରି ବର୍ଷ ହେଲାଣି ଦେଶରେ ତେଲ ଦର ସ୍ଥିର ରହିଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ତେଲ ଓ ଗ୍ୟାସ୍ ଅଛି ବୋଲି ସେ କହିଛନ୍ତି। ତେବେ ତେଲ କମ୍ପାନିଗୁଡିକ ସହୁଥିବା କ୍ଷତିକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ କେତେ ଦିନ ଏଭଳି କ୍ଷତିରେ ଚାଲିପାରିବେ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି।

# ଧାନର ଏମଏସ୍‌ପି ୭୨ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ, ୧୩।୫(ପିଆଇବି): ଆସନ୍ତା ଖରିଫ ଫସଲ ପାଇଁ ଆଜି କେନ୍ଦ୍ର ସରକାର ବିଭିନ୍ନ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଆଜି ବିଭିନ୍ନ କୃଷି ଭିତ୍ତିକ ଦ୍ରବ୍ୟର ଏମଏସପି ବୃଦ୍ଧି ଉପରେ ମୋହର ମାରିଛନ୍ତି। ୨୦୨୬-୨୭ ଖରିଫ ଋତୁର ୧୪ଟି ଫସଲର ଏମଏସ୍‌ପିକୁ ବୃଦ୍ଧି କରାଯାଇଛି।

କ୍ୟାବିନେଟ ନିଷ୍ପତ୍ତି ଅନୁସାରେ, ଧାନର ଏମଏସ୍‌ପି ୭୨ ଟଙ୍କା ବୃଦ୍ଧି ପାଇଛି। ଏଣିକି ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ଅଧିକ ୭୨ ଟଙ୍କା ପାଇବେ। ସୂର୍ଯ୍ୟମୁଖୀ ମଞ୍ଜିର ଏମଏସ୍‌ପିକୁ କେନ୍ଦ୍ର ସରକାର ସବୁଠାରୁ ଅଧିକ ବୃଦ୍ଧି କରିଛନ୍ତି। ସୂର୍ଯ୍ୟମୁଖୀ ମଞ୍ଜିର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୬୨୨ ଟଙ୍କା ବୃଦ୍ଧି ପାଇଥିବା ବେଳେ କଟନର ଏମଏସ୍‌ପି ୫୫୭ ଟଙ୍କା, ଆଳସର ଏମଏସ୍‌ପି ୫୧୫ ଟଙ୍କା ଓ ରାଶିର ଏମଏସପି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ହୋଇଛି।

କେନ୍ଦ୍ର ସରକାରଙ୍କ କହିବା କଥା ଯେ ସଂଶୋଧିତ ଏମଏସପିକୁ ୨୦୧୮-୧୯ରେ ଘୋଷଣା ଅନୁସାରେ ଧାର୍ଯ୍ୟ କରାଯାଇଛି। ସର୍ବଭାରତୀୟ ସ୍ତରରେ ଉତ୍ପାଦନ ଖର୍ଚ୍ଚର ୧.୫ ଗୁଣ ସବୁବେଳେ ଏମଏସପି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ଏବେ ଏମଏସ୍‌ପିକୁ ବୃଦ୍ଧି କରାଯାଉଥିବା ସରକାର କହିଛନ୍ତି।

୨୦୨୬-୨୭ ଖରିଫ ଋତୁରେ ଚାଷୀମାନେ କ୍ୱିଣ୍ଟାଲ ପିଛା ଧାନରେ ୨,୪୪୧ ଟଙ୍କା ପାଇବେ। ଏହା ପୂର୍ବାପେକ୍ଷା ୭୨ ଟଙ୍କା ଅଧିକ। ସାଧାରଣ ଧାନ ପାଇଁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୪୪୧ ଟଙ୍କା ଓ ଗ୍ରେଡ ଏ ଧାନ ପାଇଁ ୨୪୬୧ ଟଙ୍କା ମିଳିବ।

ଏହା ଉତ୍ପାଦନ ଖର୍ଚ୍ଚ ତୁଳନାରେ ୫୦%ରୁ ଅଧିକ। ଚାଷୀଙ୍କୁ ମୋଟ ୨.୬୦ ଲକ୍ଷ କୋଟି ଟଙ୍କା ଦିଆଯିବ ଓ ସେମାନଙ୍କ ଠାରୁ ବାର୍ଷିକ ୮୨୪.୪୧ ଲକ୍ଷ ଟନ ଧାନ ସଂଗ୍ରହ କରାଯିବ ବୋଲି ସରକାରଙ୍କ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ, ସୂର୍ଯ୍ୟମୁଖୀ ମଞ୍ଜି ବାବଦରେ ଚାଷୀମାନେ କ୍ୱିଣ୍ଟାଲ ପିଛା ୮,୩୪୩ ଟଙ୍କା ପାଇବେ, ଏହା ପୂର୍ବବର୍ଷ ତୁଳନାରେ ୬୨୨ ଟଙ୍କା ଅଧିକ। ସେହିପରି କଟନ(ମିଡିୟମ ଷ୍ଟାପ୍ଲେ) ପାଇଁ ୮,୨୬୭ ଟଙ୍କା ଓ ଲଙ୍ଗ ଷ୍ଟାପ୍ଲେ କଟନ ପାଇଁ ୮,୬୬୭ ଟଙ୍କା ମିଳିବ। ରାଶିର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ପାଇଥିବାରୁ ଚାଷୀମାନେ ଏଣିକି ୧୦,୩୪୬ ଟଙ୍କା ପାଇବେ।

# ଖୁବ୍ ଶୀଘ୍ର ଚାଲିବ ନୂଆ ପୁରୀ-କୋରାପୁଟ ଏକ୍ସପ୍ରେସ

## ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୫(ନି.ପ୍ର.); ପୁରୀରୁ କୋରାପୁଟକୁ ଖୁବ୍ ଶୀଘ୍ର ଚାଲିବ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ। କେନ୍ଦ୍ର ରେଳ ମନ୍ତ୍ରାଳୟ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଟ୍ରେନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏହି ଟ୍ରେନଟି ପୁରୀରୁ ସମ୍ବଲପୁର ଦେଇ କୋରାପୁଟ ଯିବ। ଏହି ନୂଆ ଟ୍ରେନ ଯୋଗୁଁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡିଶାର ରେଳ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋରାପୁଟ ଓ ସମ୍ବଲପୁର ଅଞ୍ଚଳରୁ ପୁରୀକୁ ଅଧିକ ତୀର୍ଥଯାତ୍ରୀ ମଧ୍ୟ ଆସିପାରିବେ।

ଏହି ଟ୍ରେନ ସପ୍ତାହକୁ ତିନି ଥର ଚାଲିବ। ଟ୍ରେନ ନମ୍ବର ୧୮୪୦୭ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ ଟ୍ରେନ ନମ୍ବର ୧୮୪୦୮ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ବାହାରିବ।

ଏହି ଟ୍ରେନରେ ୧୯ଟି ଷ୍ଟପେଜ୍ ରହିବ। ଏହି ଷ୍ଟପେଜ୍ ଗୁଡିକ ହେଲା- ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନରାଜ-ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ ରୋଡ୍, ବଲାଙ୍ଗିର, ଟିଟିଲାଗଡ, କେସିଙ୍ଗା, ମୁନିଗୁଡା, ରାୟଗଡା, ଟିକିରି, ଲକ୍ଷ୍ମୀପୁର ରୋଡ୍, କିକିରିଗୁମା ଓ ଦାମନଯୋଡି।

# ମୁଲାୟମ ସିଂହ ଯାଦବଙ୍କ ସାନ ପୁଅଙ୍କ ଦେହାନ୍ତ

ଲକ୍ଷ୍ନୌ, ୧୩।୫: ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ସାନ ପୁଅପ୍ରତୀକ ଯାଦବଙ୍କ ବୁଧବାର ସକାଳେ ଦେହାନ୍ତ ହୋଇଯାଇଛି। ତାଙ୍କୁ ଲକ୍ଷ୍ନୌର ସରକାରୀ ହସ୍ପିଟାଲକୁ ଅଣାଯାଇଥିଲା, ଯେଉଁଠାରେ ହସ୍ପିଟାଲ ନିର୍ଦ୍ଦେଶକ ଡକ୍ଟର ଜିପି ଗୁପ୍ତା ତାଙ୍କ ମୃତ୍ୟୁକୁ ନିଶ୍ଚିତ କରିଥିଲେ। ମୃତ୍ୟୁର କାରଣ ବର୍ତ୍ତମାନ ଅସ୍ପଷ୍ଟ।

# ରାଇରଙ୍ଗପୁରରେ ଡବଲ ମର୍ଡର

ରାଇରଙ୍ଗପୁର, ୧୩।୫: ରାଇରଙ୍ଗପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ତିରିଂ ଥାନା ଅଞ୍ଚଳରେ ଡବଲ ମର୍ଡର।ସୂଚନା ଅନୁଯାୟୀ ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ଆଜି ସକାଳ ୯ ଟା ସମୟରେ ଜଣେ ବ୍ୟକ୍ତି ଗାଁ ରାସ୍ତାରେ ଦୁଇ ଜଣଙ୍କୁ ଶାବଳରେ ଆକ୍ରମଣ କରିବା ଯୋଗୁଁ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆସାମୀକୁ ଧରି ଗୋଡହାତ ବାନ୍ଧି ନିର୍ଘୁମ ପିଟିଥିଲେ ଲୋକେ। ଫଳରେ ଅଭିଯୁକ୍ତର ଗୋଡ ହାତ ଭାଙ୍ଗିଯାଇଥିବା ସୂଚନା ମିଳିଛି।

# ପ୍ରକାଶ ପାଇଲା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ

## ପାସ୍ ହାର ୩% କମିଲା, ସମସ୍ତ ଟ୍ରାନ୍ସଜେଣ୍ଡର ପାସ୍

ନୂଆଦିଲ୍ଲୀ, ୧୩।୫(ନି.ପ୍ର.): ପ୍ରକାଶ ପାଇଛି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ। ଚଳିତ ବର୍ଷ ପ୍ରାୟ ୧୮ ଲକ୍ଷ ଶିକ୍ଷାର୍ଥୀ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଏବେ ସେମାନେ results.cbse.nic.in, ଡିଜିଲକର୍ ଓ ଉମଙ୍ଗ ଆପରେ ନିଜର ରେଜଲ୍ଟ ଦେଖିପାରିବେ। ଚଳିତ ବର୍ଷ ପାସ ହାର ୮୫.୨୦% ରହିଛି। ଏହା ଗତବର୍ଷ ତୁଳନାରେ ୩.୧୯% କମ। ଗତବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ପାସ ହାର ୮୮.୩୯% ରହିଥିଲା। ଅର୍ଥାତ ଏଥର ପାସ ହାର କମି ଯାଇଛି। ୨୦୨୬ରେ ପୁଣି ଥରେ ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ।

ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଛାତ୍ରୀଙ୍କ ମୋଟ ପାସ୍ ହାର ୮୮.୮୬% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୮୨.୧୩% ରହିଛି। ଚଳିତ ବର୍ଷ ୧୭,୧୧୩ ଜଣ ପିଲା ୯୫%ରୁ ଅଧିକ ମାର୍କ ରଖିଛନ୍ତି। ୯୦%ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୯୪,୦୨୮।

ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ତୃତୀୟ ଲିଙ୍ଗ ଶିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ ସେମାନଙ୍କ ପାସ ହାର ୧୦୦% ରହିଛି। ରିଜନ ସ୍ତରରେ ପରୀକ୍ଷା ରେଜଲ୍ଟକୁ ବିଚାର କଲେ ସବୁ ଥର ଭଳି ଏଥର ମଧ୍ୟ ତ୍ରିବେନ୍ଦ୍ରମ ୧ନଂରେ ରହିଛି। ଏହି ରିଜନରେ ପାସ୍ ହାର ରେକର୍ଡ ୯୫,୬୨% ରହିଛି। ଏହା ପଛକୁ ଚେନ୍ନାଇରେ ପାସ ହାର ୯୩.୮୪%, ବେଙ୍ଗାଲୁରୁରେ ୯୩.୧୯%, ଦିଲ୍ଲୀ ୱେଷ୍ଟରେ ୯୨.୩୪%, ଦିଲ୍ଲୀ ଇଷ୍ଟରରେ ୯୧.୭୩% ପିଲା ପାସ୍ କରିଛନ୍ତି। ସବୁଠାରୁ କମ ପିଲା ପାସ କରିଥିବା ରିଜନ ହେଉଛି ପ୍ରୟାଗରାଜ। ଏଠାରେ ପାସ ହାର ମାତ୍ର ୭୨.୪୩% ରହିଛି। ସେହିପରି ଭୁବନେଶ୍ୱର ରିଜନରେ ପାସ ହାର ୮୧.୭୧% ରହିଥିବା ବେଳେ ଲକ୍ଷ୍ନୌରେ ପାସ ହାର ହେଉଛି ୮୫୧.୦୧%।

**ଭୁବନେଶ୍ୱର ରିଜନରେ ପାସ ହାର ୮୧.୭୧%**

ବିଦେଶ ସ୍କୁଲରେ ପାସ ହାର ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବିଦେଶ ସ୍କୁଲରେ ପାସ ହାର ଅତ୍ୟନ୍ତ ନିରାଶ କରିଛି। ୨୦୨୫ରେ ବିଦେଶ ସ୍କୁଲରେ ପାସ ହାର ୯୫.୦୧% ରହିଥିଲା। କିନ୍ତୁ ଚଳିତ ବର୍ଷ ପାସ ହାର ୯୦.୫୦%କୁ ଖସି ଆସିଛି। ବିଦେଶ ସ୍କୁଲର ୨୪,୦୪୭ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୪,୦୦୯ ଜଣ ପରୀକ୍ଷା ଦେଇଥିଲେ। ଏବେ ୨୧,୭୨୮ ଜଣ ପିଲା ପାସ କରିଛନ୍ତି। ଅର୍ଥାତ ପାସ ହାର ୯୦.୫୦% ରହିଛି।

## ଡାହୁକ

ଲୁଚେଇବା ପାଇଁ
ଅନ୍ୟ ଦୋଷ ଯଦି
ଫାଇଲିକୁ ଉଇ ଖାଉଚି
ନିଜ ଦୋଷ ଲୁଚେଇବା ପାଇଁ
କ'ଣ ବାହାନା ହଉଚି
-ବିଧୁ

# ଭୁବନେଶ୍ୱରରେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ; ୪ ଗିରଫ

ଭୁବନେଶ୍ୱର, ୧୩।୫: ରାଜଧାନୀ ଭୁବନେଶ୍ୱରରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଇନ୍‌ଫୋଭ୍ୟାଲି ଥାନା ପୁଲିସ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଛାତ୍ରୀଙ୍କ ପୁରୁଷ ବନ୍ଧୁ ଓ ତାଙ୍କର ୩ ଜଣ ସାଙ୍ଗ ରହିଛନ୍ତି। ଛାତ୍ରୀ ଜଣଙ୍କ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ନ୍ତି। ଅଭିଯୋଗ ଅନୁଯାୟୀ, ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ରୁମ୍‌ରେ ଗଣ ଦୁଷ୍କର୍ମ କରାଯାଇଛି। ତାଙ୍କ ପୁରୁଷ ବନ୍ଧୁ ଇନଫୋଭ୍ୟାଲି ଥାନା କାଇମାଟିଆରେ ଏକ ଘରୋଇ ମେସ୍‌ରେ ରହନ୍ତି। ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁ ନିଜ ରୁମ୍‌କୁ ଡାକିଥିଲେ। ଛାତ୍ରୀ ଜଣଙ୍କ ସେଠାରେ ଥିବା ବେଳେ ତାଙ୍କ ପୁରୁଷ ବନ୍ଧୁ ଓ ଅନ୍ୟ ତିନି ଜଣ ତାଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଇନଫୋଭ୍ୟାଲି ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ପୁଲିସ ତନାଘନା କରିଛି। ଘଟଣାସ୍ଥଳରେ ଯାଞ୍ଚ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ମଧ୍ୟ ସାହାଯ୍ୟ ନେଇଥିଲା ପୁଲିସ।

# ଆସ୍ଥା ଭୋଟ୍‌ରେ ବାଜି ମାରିଲେ ବିଜୟ

ଚେନ୍ନାଇ, ୧୩।୫: ଟିଭିକେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖରନ ଯୋଶେଫ ବିଜୟଙ୍କ ନେତୃତ୍ୱାଧୀନ ସରକାର ବୁଧବାର ଆସ୍ଥା ଭୋଟ୍‌ରେ ବିଜୟୀ ହୋଇଛନ୍ତି। ସଂଖ୍ୟା ଗରିଷ୍ଠତା ପାଇଁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ହେଉଥିବା ବେଳେ ବିଜୟଙ୍କ ନେତୃତ୍ୱାଧୀନ ସରକାରଙ୍କୁ ୧୪୪ ବିଧାୟକଙ୍କ ସମର୍ଥନ ମିଳିଛି। ବିରୋଧୀ

ଡିଏମ୍‌କେ ଓ ଡିଏମ୍‌ଡିକେର ବିଧାୟକମାନେ କକ୍ଷତ୍ୟାଗ କରିଥିବା ବେଳେ ପିଏମ୍‌କେ ଓ ବିଜେପି ବିଧାୟକ ଭୋଟ୍ ଦାନରୁ ବିରତ ରହିଥିଲେ। ଏଆଇଏଡିଏମ୍‌କେର ୪୭ ବିଧାୟକଙ୍କ ମଧ୍ୟରୁ ୨୫ ଜଣ ଟିଭିକେ ନେତୃତ୍ୱାଧୀନ ସରକାରଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ଦଳର ବାକି ୨୨ ଜଣ ବିଧାୟକ ସରକାରଙ୍କ ବିପକ୍ଷରେ ଭୋଟ୍ ଦେଇଥିଲେ। ବରିଷ୍ଠ ବିଧାୟକ ସିଭି ଶନମୁଗମ ଓ ଏସ୍‌ପି ଭେଲୁମଣିଙ୍କ ନେତୃତ୍ୱରେ ଗତକାଲି ଦଳର ୩୦ ଜଣ ବିଧାୟକ ଟିଭିକେକୁ ଆସ୍ଥା ଭୋଟ୍‌ରେ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ ହେଁ ସେମାନଙ୍କ ମଧ୍ୟରୁ ୫ ଜଣ ଆଜି ସେମାନଙ୍କ ମତ ବଦଳାଇଛନ୍ତି। ଏଆଇଏଡିଏମ୍‌କେ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଡପ୍ପାଡି କେ ପଲାନିସ୍ୱାମୀ ଟିଭିକେ ବିରୋଧରେ ଭୋଟ୍ ଦେବାକୁ ଦଳର ବିଧାୟକମାନଙ୍କୁ ଆହ୍ୱାନ ଦେଇଥିଲେ। କିନ୍ତୁ ୨୫ ଜଣ ବିଧାୟକ ଟିଭିକେକୁ ସମର୍ଥନ କରିଥିଲେ। ଫଳରେ ଏଆଇଏଡିଏମ୍‌କେରେ ସୃଷ୍ଟି ହୋଇଥିବା ଫାଟ କି ରୂପ ନେବ, ତାକୁ ନେଇ କଳ୍ପନାଜଳ୍ପନା ବଢ଼ିଛି।